# ବିଡ଼ମ୍ବିତ ଶ୍ରାବଣ

ଶ୍ରାବଣର କୌଣସି ଏକ ବର୍ଷଣ ମୁଖର ରାତିରେ ପ୍ରେମର ଚୌହଦୀ ଭିତରେ ବୁଡ଼ିରହି ମଣିଷ ତାରୁଣ୍ୟର କଳ୍ପନାମୟ ବିଳାସପୂର୍ଣ୍ଣ ଅଟ୍ଟାଳିକା ଗଢିବାର ସ୍ୱପ୍ନରେ ମଜ୍ଜିରହେ । ଆକାଶରେ ମେଘର ଘନଘଟା । ବିଜୁଳୀର ଛନ୍ଦମୟ ଗତି ବେଳେ ବେଳେ ଦେହରେ ଆତଙ୍କର ଶୀହରଣ ଖେଳାଇ ଦେଇ ଯାଉଥାଏ । ଟିପିଟିପି ବର୍ଷା ଟୋପାର ବେଖାତିର ସ୍ୱର ସାଙ୍ଗରେ ତାଳ ମିଳାଇ ପ୍ରୌଢ ବିନୋଦଙ୍କର ମନ ପିଆନୋର ସ୍ୱରଟା ବେସୁରା ଧରିବାରେ ଲାଗିଗଲାଣି । ସୁନା ଜରିଦିଆ ଜୀବନର ରଙ୍ଗଟା ତାଙ୍କୁ ଆସ୍ତେ ଆସ୍ତେ ଫିକା ଦେଖାଯାଉଛି । ସେ ଯେ ଆଜି ଜୀବନ ରଂଗମଞ୍ଚରେ ଜଣେ ସାଧାରଣ ନାୟକ ଏବଂ ନାୟିକାର ବର୍ତ୍ତମାନତା ଏ ରଙ୍ଗମଞ୍ଚରେ ବୋଧହୁଏ କଳ୍ପନାର ବିଷୟବସ୍ତୁ ହୋଇଯାଇଛି । ସ୍ତ୍ରୀ ଅରୁଣିମା ଆଜକୁ ପାଞ୍ଚ ବର୍ଷ ତଳେ ବିନୋଦକୁ ଏକୁଟିଆ କରି ଚାଲିଯାଇଛନ୍ତି । ତାଙ୍କୁ ନା ଶରତ ଆକାଶର ନୀଳବର୍ଣ୍ଣ ବର୍ଣ୍ଣବିଭାର ଆନନ୍ଦ ଛୁଇଁ ପାରୁଛି, ନା ଆଜି ଏ ବର୍ଷଣ ମୁଖର ରାତିରେ ବର୍ଷାର ସମ୍ଭାବନାମୟ ସ୍ୱର । ରାକା ରଜନୀର ଜ୍ୟୋସ୍ନା ବିଧୌତ ଶୁଭ୍ର ଓ ଶାନ୍ତ ରାତ୍ରିଟା ତାଙ୍କ ଜୀବନକୁ ଯେପରି ରଙ୍ଗାଇ ପାରୁନାହିଁ । ସେ କୌଣସି ଯୁଗଳବନ୍ଦୀ ଦେଖିଲେ ହଠାତ୍ ଭାବପ୍ରବଣ ହୋଇଉଠନ୍ତି ଯେପରି ପ୍ରେମର ଅବର୍ତ୍ତମାନର ଗୋଟିଏ ସନ୍ତୁଳିତ ଲ୍ୟାଣ୍ଡସ୍କେପ୍ । ସାରା ସମାଜରେ ଲୋକେ ତାଙ୍କୁ ଜଣେ ସରଳ, ଅମାୟିକ, ନିଷ୍କପଟ ବ୍ୟକ୍ତିତ୍ୱ ବୋଲି ଜାଣନ୍ତି । ମାତ୍ର ଏ ପୌଢ ବୟସରେ ଯେତେବେଳେ ତାଙ୍କର ବିବାହଯୋଗ୍ୟା ଝିଅ ଓ ପୁଅ ଘରେ ପ୍ରତିଟି କ୍ଷଣରେ ବାପାଙ୍କର କଥା ବୁଝିବାରେ ସାମାନ୍ୟତମ ବ୍ୟତିକ୍ରମ କରୁନାହାନ୍ତି, ପୌଢ ବିନୋଦ୍ ହଠାତ୍ ପୁଣିଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇ ଗୋଟିଏ ସୁନାନାକୀ ବୋହୂକୁ ଘରକୁ ଆଣି ପତ୍ନୀର ମର୍ଯ୍ୟାଦା ଦେବାର ଭାବନା "ବୟଃ ଗତେବା ବନିତା ବିଳାସ" ଭାବଧାରର ପରିପନ୍ଥୀ ହୁଇ ପୁଅ ଓ ଝିଅ ଗ୍ରହଣ କରି ପାରୁଛନ୍ତି କେତେକେ ?

ଏ କ୍ଷୁଧିତ ସମାଜର ଢେଗାଢେଗା ଆଖି ଯେ ସାଧାରଣ ରାଜ ରାସ୍ତାର ଯେ କୌଣସି ମୋଡ଼ଠାରୁ ଆରମ୍ଭ କରି ସୁଦୂର ଗ୍ରାମ୍ୟ ବନାନୀର ଅଣଓସାରିଆ ଚଲାରାସ୍ତା ଯାଏ ଦେଖିବାରେ ବ୍ୟସ୍ତ । ତାହା ବିନୋଦର ସରଳ ସାବଲୀଳ ମନରେ ଛୁଇଁ ପାରି

ନଥିଲା । ପରିବାରର ସମସ୍ତ ସଦସ୍ୟଙ୍କର ବାରଣ ସତ୍ତ୍ୱେ ଦିନେ ବିନୋଦ ଯେ ଗୋଟିଏ ଶାନ୍ତ ସଲିଳା ଫଲ୍‌ଗୁର ଧାରାକୁ ବୁହାଇ ଦେବେ, ଘରେ ଗୋଟିଏ ନବ ବଧୂର ହସ୍ତ ଧାରଣ ପୂର୍ବକ, ଏହା ଏ ସମାଜରେ ଅନ୍ତତଃ ଗ୍ରହଣୀୟ ନୁହେଁ ।

ମୃଦୁଳା ଜୀବନରେ ଚାଳିଶଟି ବସନ୍ତର ସୁହାଗ ଅନୁଭବ କରିଥିବା ଜଣେ ଗ୍ରାମୀଣ କିଶୋରୀ । ବିବାହ ପାଇଁ ଅନେକ ଥର ସଜବାଜ ହୋଇ ସାମାଜିକ ରିତିନୀତି ମଧ୍ୟରେ ଫେଣ୍ଟି ହୋଇ ଯାଇଥିବା ମୃଦୁଳା ଯେତେବେଳେ ବିବାହର ସ୍ୱାଦ ହରାଇ ବସୁଥିଲେ, ସେତେବେଳେ ବିନୋଦ ପରି ଜଣେ ପୌଢଙ୍କ ପାଇଁ ପ୍ରଥମେ ମୃଦୁଳାଙ୍କର ପିତାମାତା ରାଜି ନଥିଲେ । ପରେ କନ୍ୟାର ବୟସ ବୃଦ୍ଧି ଦୃଷ୍ଟେ ରାଜି ହୋଇଯାଇଥିଲେ । ପ୍ରତ୍ୟେକ ସ୍ତ୍ରୀ ସ୍ୱାମୀର ସୁଖ ସହିତ ଭାଗୀଦାର ହେବାର ସୁଯୋଗ ପାଇଁ ଅନେଇକରି ବସି ଜୀବନଟା ବିତେଇ ଦେବା ଅପେକ୍ଷା, ଅନ୍ତତଃ ବିବାହ ପାଇଁ ରାଜି ହେବାରେ କୌଣସି ଅସମ୍ମତି ନ ରହିବା ବିଧେୟ ।

ଅନେକ ତର୍କ ଓ ବିତର୍କର ଶରବ୍ୟ ହେବାର ଆଶା ରଖିଥିବା ମୃଦୁଳା ଯେତେବେଳେ ଘରର ଏରୁଣ୍ଡିବନ୍ଧ ଉପରେ ପାଦ ରଖନ୍ତି, ସେତେବେଳେ ହଠାତ୍ ଗୋଟିଏ ଅଦିନିଆ ମେଘ ଗର୍ଜନ କରି ଯିବାପରି ପିଲାମାନଙ୍କର ପ୍ରତିବାଦର ସ୍ୱରରେ ଘରଟା ବିଧ୍ୱନିତ ହୋଇଉଠିଲା । ସ୍ୱୀୟ ମା'ର ଅନନ୍ତପ୍ରାପ୍ତି ପରେ ରାନୁ ଓ ଶୈବାଳ ଯେଉଁ ଘରକୁ ପୁଣି ଥରେ ପୂର୍ଣ୍ଣତା ମଧ୍ୟରେ ହସିବାର ସମସ୍ତ ପ୍ରଚେଷ୍ଟା କରି ଏକ ପରିବର୍ତ୍ତନ ନେଇ ଆସିଥିଲେ, ସେମାନେ ଆଉ ଗୋଟିଏ ମା'ର ହଠାତ୍ ଉପସ୍ଥିତିକୁ ଅନ୍ତତଃ ସ୍ୱାଗତ କରିପାରୁ ନାହାନ୍ତି । ଆଜି ଆକାଶରେ ଅନେକ ମେଘର ଆସର । ପୁଣ୍ୟଗନ୍ଧା ପୃଥିବୀ ନବ କିଶଳୟର ସବୁଜ ଗାଲିଚାକୁ ବିଛାଇ ଦେଇ ଯେପରି ବର୍ଷା ମୁକ୍ତା ସଂଗ୍ରହରେ ଲାଗି ଯାଇଛି । ସୁଦୀର୍ଘ ଗ୍ରୀଷ୍ମ ପ୍ରପୀଡ଼ିତ ବୃକ୍ଷରାଜି ବର୍ଷାର ବାରିଧାରାରେ ଆପ୍ଳୁତ ହୋଇ ନବ କିଶଳୟରେ ପଲ୍ଲବିତ ତଥା ପ୍ରସ୍ଫୁଟିତ ହେବାରେ ଲାଗି ଗଲାଣି । ପୃଥିବୀ ଯେପରି କହି ଉଠୁଛି ହେ ମାନବ ! ତୁମେ ପଲ୍ଲବିତ ହୁଅ, ପୁଷ୍ପିତ ହୁଅ, ତୁମର ମନ ସୁରଭିତ ହେଉ । କୃଷ୍ଣଚୂଡ଼ାର ରକ୍ତିମ ପଟଳରେ ଆଚ୍ଛାଦିତ ନବ କିଶଳୟ ମଣ୍ଡିତ ସବୁଜ ପ୍ରାନ୍ତର ଯେପରି ତାଙ୍କୁ ଅପେକ୍ଷା କରି ବସିଛି ପରିବର୍ତ୍ତନ ପାଇଁ । ବିନୋଦ ସବୁଆଡ଼େ ଯେପରି ପରିବର୍ତ୍ତନର ସ୍ୱର ଶୁଣି ପାରିଲେ ଏବଂ ସେ ଚିନ୍ତା କରି ପାରୁ ନ ଥିଲେ ଯେ ତାଙ୍କର ସାମାନ୍ୟ ମାନସିକ ପରିବର୍ତ୍ତନ ହୁଏତ ଏ ସମାଜ ଗ୍ରହଣ କରିପାରୁନାହିଁ କାହିଁକି ?

ଘନ ପ୍ରାବୃଟର ଆସ୍ତରଣ ଭେଦକରି ବିନୋଦ ତାଙ୍କର ଗତାୟୁ ପତ୍ନୀଙ୍କର ବିଦାୟ ବେଳର ଦୃଶ୍ୟର ଯେପରି ସ୍ମୃତି ମନ୍ଥନ କରୁଥିଲେ । ଅରୁଣିମା କହିଲେ ବିନୋଦ ! ଖାଦ୍ୟ, ମୈଥୁନ ଓ ନିଦ୍ରା ସମ୍ବନ୍ଧରେ ମନୁଷ୍ୟ ପଶୁ ସହିତ ସମାନ । ତୁମେ ସାମାନ୍ୟ ଜାଗତିକ ସୁଖ ପାଇଁ ରାନୁ ଓ ଶୈବାଳର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଦ୍ୱିତୀୟ ପତ୍ନୀର ପେଲବ ସୁଖରେ ଯେପରି ରସାଣିତ ନ ହୁଅ । ରାନୁର ବିବାହ ବେଦୀରେ ନୁପୁରର ମଧୁର ଝଙ୍କାର କିମ୍ବା ଶୈବାଳର ନବ ବଧୂର ନାଲି ଟୁକୁ ଟୁକୁ ଓଠର ଅରୁଣିମା ବ୍ୟତୀତ ଅନ୍ୟକିଛି ବୋଧହୁଏ ମୋତେ ପରଲୋକରେ ସୁଖାବିଷ୍ଟ କରି ପାରିବ ନାହିଁ । ବିନୋଦ ଦୁଇଟି ବିବଦମାନ ଯୁକ୍ତି ମଧ୍ୟରେ ହତବମ୍ବ ହୋଇ ନିଜର ଉପସ୍ଥିତିକୁ ଯେପରି ଅନୁଭବ କରିପାରୁ ନଥିଲେ । ତେଣୁ ନୂତନ ପତ୍ନୀ ମୃଦୁଳାଙ୍କର ଉପସ୍ଥିତି ବା ଅନୁପସ୍ଥିତି ତାଙ୍କୁ ବିଶେଷ ପ୍ରଭାବିତ କରି ପାରୁ ନ ଥିଲା ଯେପରି ।

ରାନୁ ଓ ଶୈବାଳଙ୍କର ସମସ୍ତ ବାରଣ ଏବଂ ମୃତ ପତ୍ନୀଙ୍କର ମଧୁର ସ୍ମୃତିଚାରଣ ମଧ୍ୟରେ ମୃଦୁଳା ନବବଧୂ ଭାବରେ ପୌଢ ବିନୋଦଙ୍କର ଜୀବନ ପରିଧି ମଧ୍ୟକୁ ଆନୀତ ହୁଅନ୍ତି । ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିଲା ଯୁକ୍ତିରେ ଆଜି ମୃଦୁଳା ତାଙ୍କର ଅନାଗତ ଭବିଷ୍ୟତର ପ୍ରତୀକ୍ଷା କରି ବସିଛନ୍ତି । ସେ ଚେଷ୍ଟିତ ଯେ ତାଙ୍କ ଜୀବନର ଅନ୍ୟ କେତୋଟି ବସନ୍ତର ମଧୁରିମାକୁ ସେ ଅନ୍ତତଃ ଅତି ଅନ୍ତର୍ପଣରେ ବିତାଇ ଦେଇ ପାରିବେ ଯଦି ପରିସ୍ଥିତି ତାଙ୍କ ପାଇଁ ଅନୁକୂଳ ହୁଏ ।

ବାହାରେ ଘନ ବର୍ଷାର ଅବାରିତ ଧାରା ଅବିରତ ଭାବରେ ବହି ଚାଲିଥିବାବେଳେ ନବ ବିବାହିତ ବଧୂ ମୃଦୁଳାଙ୍କର ଆଖିରୁ ଶ୍ରାବଣର ଜଳଧାରା ଯେପରି ବାଧା ବନ୍ଧନ ନ ମାନି ବହିବାରେ ଲାଗି ପଡ଼ିଛି । ବାତାୟନ ଧାରରେ ବସି ରହି ବର୍ଷାର ଘନ ଗର୍ଜନ ସହିତ ତାଳ ମିଶାଇ ସେ ଅତି ଦୟନୀୟ ଭାବରେ କାନ୍ଦି ଉଠୁଥାନ୍ତି ଯାହା ହୁଏତ କାହାକୁ ଶୁଣାଯାଉ ନଥାଏ । ଇନ୍ଦ୍ର ବଜ୍ରର ଚମକ ବା ତାର ଧ୍ୱନି ଦୁଇଟି ମଧ୍ୟରୁ କୌଣସି ଗୋଟିଏର ବର୍ତ୍ତମାନତା ଯେପରି ମୃଦୁଳା ଅନୁଭବ କରି ପାରୁନାହାନ୍ତି । ସେ ଏକ ଉଦ୍‌ଭ୍ରାନ୍ତ ମାନସିକତାର ଶିକାର ହୋଇଯାଇଥିବା ପରି ଅନୁଭବ କରିବା ବ୍ୟତିରେକ ଅନ୍ୟ କୌଣସି ଦ୍ୱିତୀୟ ଭାବନା ତାଙ୍କ ମନରେ ଆସି ପାରୁନାହିଁ ।

ଯେତେବେଳେ ରାନୁ ଓ ଶୈବାଳ ପୌଢ ପିତାଙ୍କର ଅନାଗତ ଅପରାହ୍ଣ ବିଷୟରେ ଚିନ୍ତାଶୀଳ ସେତେବେଳେ ପିତାଙ୍କର ନବ ବିବାହିତା ପତ୍ନୀ ସହିତ ନୈଶ ଅଧିବାସକୁ ପିଲାମାନେ ଗ୍ରହଣ କରି ପାରୁଛନ୍ତି କେତେକେ ? ପିତା ବିନୋଦ ପିଲାମାନଙ୍କର ଗ୍ରହଣୀୟ

ମତାମତ ବିଷୟରେ ବିଶ୍ଳେଷଣ କରିବାର ପ୍ରୟାସ କରିବାକୁ ସାହାସ କରିପାରୁ ନଥିଲେ । ସେ ଭାବୁଥିଲେ ଅଦିନିଆ ମେଘଟା ଅତିକ୍ରାନ୍ତ ସମୟ ସହିତ ତାଳଦେଇ ପୂର୍ବାକାଶରୁ ଧୀରେ ଧୀରେ ଅପସାରିତ ହୋଇ ଯିବ ଏବଂ ଅରଣିତ ସୂର୍ଯ୍ୟର ଆଲୋକଛିଟାରେ ସାରା ସଂସାର ଉଦ୍‌ଭାସିତ ହୋଇ ଉଠିବ । ସମୟର ପରିବର୍ତ୍ତନ ସହିତ ତାଳ ଦେଇ ସେମାନଙ୍କର ଭାବନା ଧାରାର ବି ପରିବର୍ତ୍ତନ ହୋଇଯିବ ।

ପିଲାମାନଙ୍କର ଅନୌପଚାରିକ ବାକ୍ୟ ବିନ୍ୟାସ ଓ ଅସହଣୀୟ ମନବୃତ୍ତି ବିନୋଦଙ୍କ ମନରେ ତୀବ୍ର ବିସମ୍ବାଦ ଆଣି ଦେଇଛି । ବିନୋଦଙ୍କ ମନରେ ଅରୁଣିମାଙ୍କର ଶଯ୍ୟା ଶାୟିତ ସମୟରେ ଏବଂ ଜୀବନର ଶେଷ ପୃଷ୍ଠା ଗୁଡ଼ିକ ଓଲଟାଉଥିବା ବେଳେ, ଏଇ ରାନୁ ଓ ଶୈବାଳ ବାପାଙ୍କୁ ନାନା ଭାବରେ ହତୋତ୍ସାହିତ ନ ହେବା ପାଇଁ କହିବା ଓ ବୋଉର ଅବର୍ତ୍ତମାନରେ ସମସ୍ତ ସାଂସାରିକ ଔପଚାରିତାକୁ ଆପଣାଇ ନେବାର ଆଶ୍ୱାସନା ଆଜି ଯେପରି ବିନୋଦଙ୍କ ପାଇଁ ଗୋଟିଏ ଇତିହାସ ବହିର ଛିନ୍ନ ପୃଷ୍ଠା ସହିତ ସମାନ ହୋଇଯାଇଛି । ଅରୁଣିମା ତାଙ୍କର ଅନ୍ତିମ ବେଳାରେ ବିନୋଦ ଏବଂ ରାନୁ ଓ ଶୈବାଳକୁ ପାଖକୁ ଡାକି କହିଥିଲେ ପରସ୍ପର ପରସ୍ପରକୁ ନିବିଡ଼ ଭାବରେ ଭଲ ପାଇବା ପାଇଁ । ବିନୋଦ ଭାବି ବସିଛନ୍ତି ଯେ ଆଜିର ଏ ବିସମ୍ବାଦ ପାଇଁ ହିଁ ଅରୁଣିମା ଦାୟୀ । ଯଦି ଏ ସମୟରେ ଏପରି ଅନୌପଚାରିକ ବିଦାୟ ନେଇ ନଥାନ୍ତେ, ଅନ୍ତତଃ ଆଜି ପୌଢ଼ ବିନୋଦ ପିତାର ଆସନରୁ ତଳକୁ ଖସି ଯିବାର ଯେଉଁ କଳ୍ପନା ପିଲାମାନଙ୍କ ଭିତରେ ଆସିଛି, ତାର ଉତ୍‌ଥାପନ ହିଁ ହୋଇନଥାନ୍ତା ।

ଶ୍ରାବଣର ବାରିଧାରା ଆଜି ସାରା ବାତାବରଣକୁ ଆପ୍ଲୁତ କରି ପକାଇଛି । ବର୍ଷାର ବେଗ ସହିତ ସମତାଳରେ ବିନୋଦ ମନର ଗତି ଏକ ବେଗମାନ ଅଶ୍ୱ ଯାହାର ଲଗାମ ସେ ଠିକ୍ ଭାବରେ ଧରି ରଖିପାରୁନାହାନ୍ତି । ଅନାଗତ ଭବିଷ୍ୟତର ଦଂଶନ ଜ୍ୱାଳାରେ ସେ ତୀବ୍ର ଯନ୍ତ୍ରଣା ଜର୍ଜରିତ । ସେ ଭାବୁଛନ୍ତି ଯେ ସାରା ସଂସାର କାହିଁକି ଭାବିଉଠୁଛି ଯେ ସେ ସାମାନ୍ୟ ଗୋଟିଏ ଦେହପାଇଁ ବିବାହ ପରି ଗୋଟିଏ ବ୍ୟାଧିକୁ ଧାରଣ କରିପାରିଲେ । କ'ଣ ଜୀବନର ପରିପକ୍ୱତା ପରେ ଗୋଟିଏ ପାଥେୟ ଅନ୍ତତଃ ଆବଶ୍ୟକ ନୁହେଁ କି, ବୃଦ୍ଧ ବିନୋଦଙ୍କର ସମୟର ଅପନୋଦନ ପାଇଁ । ସାମାନ୍ୟ ଅଙ୍ଗତୃପ୍ତି ପାଇଁ ଆଜି ସେ ଏ ପାଶବିକ ପଥକୁ ଆପଣେଇ ନାହାନ୍ତି । କାଲି ରାନୁ ଓ ଶୈବାଳର ବିବାହପରେ ସେ ଯେ ଐକାନ୍ତିକ ଭାବରେ ଗୋଟିଏ ଏକକ ହୋଇ ରହିଯିବେ ଏବଂ ସାରା ସଂସାର ତାଙ୍କୁ ସିନା ଦୂରରୁ ଦେଖିବ ହେଲେ ତାଙ୍କର

ସାହାଯ୍ୟ ପାଇଁ ହାତ ବଢାଇବାର ଗୋଟିଏ ଉପଦାନ ବି ଆଗେଇ ଆସିବ ନାହିଁ । ସେ ପଥଚ୍ୟୁତ ହୋଇ ଗୋଟିଏ ଉଦ୍‌ଭ୍ରାନ୍ତ ପଥକୁ ବାଛି ନେଉ ନାହାନ୍ତି ଯାହା ଆଜିର ଏ ତ୍ରୁଟିପୂର୍ଣ୍ଣ କାହାଣୀ ସର୍ଜନା କରୁଛି ଏବଂ ଯେଉଁ ଇତିହାସର ସେ ବୋଧହୁଏ ଗୋଟାଏ କଳଙ୍କିତ ନାୟକ । ଶାନ୍ତ, ସ୍ନିଗ୍ଧ, ଶୀତଳ ସମୀରଣ ଯେତେବେଳେ ଜଗତର ତନ ମନକୁ କମନୀୟ ଓ ନମନୀୟ ରୂପରେ ସଜାଇ ଦେବାରେ ମଗ୍ନ, ସେତେବେଳେ ବିନୋଦ ଏକ ଉଦ୍‌ଭଟ ଭାବନା ରାଜ୍ୟରେ ଗୋଟିଏ କକ୍ଷଚ୍ୟୁତ ଉଲ୍‌କା ପରି ଘୂରିବୁଲୁଛନ୍ତି, ଯାହା କେତେବେଳେ ହୁଏତ ଅନ୍ତରୀକ୍ଷରେ ସତ୍ତା ହରାଇ ଲୀନ ହୋଇଯିବ । ଗୋଟିଏ ଅଡୁଆ ସୂତାର ଖିଅକୁ ସଜାଡ଼ିବାର ସମସ୍ତ ଚେଷ୍ଟାରେ ଯେପରି ପୌଢ ବିନୋଦ ମଗ୍ନ ରହିଛନ୍ତି ।

ଏପରି ଏକ ଅଭାବନୀୟ ମୁହୂର୍ତ୍ତ ଭିତରେ ରାନୁ ଓ ଶୈବାଳ ବାପାଙ୍କ ପାଖରେ ପହଞ୍ଚି କହି ଉଠିଲେ ବାପା ! ଆମ ବୋଉକୁ ହରାଇ ଯେଉଁ ଶୂନ୍ୟତା ଭିତରେ ଆମେ ବୁଡ଼ି ରହିଥିଲୁ, ନୂଆ ମା ସେ ଶୂନ୍ୟତାକୁ ପୂର୍ଣ୍ଣତାରେ ଭରିଦେଇଛନ୍ତି । ସେ ଯେ ଆମକୁ ତାଙ୍କର ସ୍ନେହାପ୍ଲୁତ ବାହୁ ବନ୍ଧନରେ ସର୍ବଦା ରଖିବାକୁ ଚେଷ୍ଟିତ । ଆମର ଧୃଷ୍ଟତା ପାଇଁ ବାପା ! ଆପଣ ଆମକୁ କ'ଣ କ୍ଷମା କରିଦେବେ ନାହିଁ ? ଏକ ଆଗ୍ନେୟଗିରିର ଉଦ୍‌ବେଳିତ ଉଦ୍‌ଗୀରଣ ପରି ବିନୋଦ ନିଜକୁ ଆଉ ସମ୍ଭାଳି ରଖି ନପାରି ଉଚ୍ଚ ସ୍ୱରରେ କାନ୍ଦି ଉଠିଲେ, ଯେପରି ସାରା ବିଶ୍ୱର ସମସ୍ତ ଦୁଃଖ ଏକୀଭୂତ ଭାବରେ ତାର ରୂପ ପ୍ରକାଶ କରିଦେଇଛି ବିନୋଦଙ୍କ ଚକ୍ଷୁରୁ ସ୍ରବୁଥିବା ଲୋତକଧାରା ରୂପରେ ।

***